<u>ବାଣିଜ୍ୟକର ଏବଂ ଜିଏସଟି କମିଶନରେଟ, ଓଡିଶା, କଟକ</u>

<u>ପ୍ରେସ ଇସ୍ତହାର</u>

<u>ରାଜ୍ୟ ଜିଏସଟି ଏନଫୋର୍ସମେଣ୍ଟ ୱିଙ୍ଗଦ୍ୱାରା ୧୦୬ କୋଟି ଟଙ୍କାର ଜାଲ ବିଲ ରାକେଟର ପର୍ଦ୍ଦାଫାଶ</u>

<u>ମାଷ୍ଟରମାଇଣ୍ଡ ଗିରଫ</u>

**କଟକ :** ଓଡିଶା ରାଜ୍ୟ ଜିଏସଟି ଏନଫୋର୍ସମେଣ୍ଟ ୱିଙ୍ଗ ଦ୍ୱାରା ଜାଲ ବିଲ ର ।କେଟ ବିରୁଦ୍ଧରେ ରାଜ୍ୟବ୍ୟାପୀ କାର୍ଯ୍ୟାନୁଷ୍ଠାନ ଫଳରେ ଆଜି (୨୮-୦୬-୨୦୨୧) ୧୦୬ କୋଟି ଟଙ୍କାର ଏକ ଜାଲ ବିଲ ରାକେଟର ପର୍ଦ୍ଦାଫାଶ ଘଟିଛି ଓ ଏହି ଜାଲ ବିଲ ବଳରେ ୧୯.୦୪ କୋଟି ଟଙ୍କାର ଜାଲ ଆଇଟିସି ଉପଭୋଗ ଓ ହସ୍ତାନ୍ତର ହୋଇଥିବା ଜଣାପଡିଛି । ଏହି ଜାଲ ବିଲ ରାକେଟରେ ସମ୍ପୃକ୍ତ ମାଷ୍ଟରମାଇଣ୍ଡ ଶ୍ରୀ ସ୍ମୃତି ରଞ୍ଜନ ସାହୁଙ୍କୁ ଗିରଫ କରାଯାଇଛି ।

ଶ୍ରୀଯୁକ୍ତ ସାହୁ ଅନ୍ୟମାନଙ୍କ ସହ ମିଶି ୧୪ ଗୋଟି ଜାଲ ବ୍ୟବସାୟୀକ ପ୍ରତିଷ୍ଠାନ ସୃଷ୍ଟି କରିଥିବା ପ୍ରାରମ୍ଭିକ ତଦନ୍ତରୁ ଜଣ ପଡିଛି । ଏହି ଜାଲ ପ୍ରତିଷ୍ଠାନଗୁଡିକୁ ପରିଚାଳନା କରି ସେ ୧୦୬ କୋଟି ଟଙ୍କାର ଜାଲ କ୍ରୟ ବିକ୍ରୟ ବିଲ ମାଧ୍ୟମରେ କୋଟି କୋଟି ଟଙ୍କାର ଜାଲ ଇନ୍ପୁଟ ଟାକ୍ସ କ୍ରେଡିଟ ( ITC) ହାତେଇଥିବା ବେଳେ ପ୍ରାୟ ସେହି ପରିମାଣର ଇନ୍ପୁଟ ଟାକ୍ସ କ୍ରେଡିଟ (ITC) ରାଜ୍ୟ ତଥା ରାଜ୍ୟ ବାହାରର ବ୍ୟବସାୟୀଙ୍କୁ ହସ୍ତାନ୍ତର କରି ରାଜ୍ୟ ସରକାରଙ୍କ ବିପୁଳ ରାଜସ୍ୱ କ୍ଷତି କରିଛନ୍ତି ।

ଅନୁସନ୍ଧାନରୁ ଜଣାପଡିଛି ଯେ ଶ୍ରୀ ସାହୁ ନିଜର ଘୋଷିତ ବ୍ୟବସାୟ ସ୍ଥଳ ସମ୍ପର୍କରେ ଭୁଲ ସୂଚନା ସରକାରଙ୍କୁ ଦେବା ସହ ଘର ଭଡା ରାଜିନାମାକୁ ମଧ୍ୟ ଜାଲିଆତି କରିଛନ୍ତି । ତାଙ୍କର ଫାର୍ମ (ଏସ.ଆର ଏଣ୍ଟରପ୍ରାଇଜରର୍ସ) ପ୍ରକୃତ ପକ୍ଷେ କୌଣସି ବ୍ୟବସାୟ କରୁ ନାହିଁ । କେବଳ କାଗଜ କଲମରେ କାରବାର ଦର୍ଶା ଯାଇଥିଲା । ନିଜର ଦେଣନେଣକୁ ନିୟମିତ କରିବା ଉଦ୍ଦେଶ୍ୟରେ ଶ୍ରୀ ସାହୁ ନିଜର କିଣାବିକାକୁ ବ୍ୟାଙ୍କ ଏକାଉଣ୍ଟ ମାଧ୍ୟମରେ ଦର୍ଶାଇଛନ୍ତି । କୌତୁହଳର ବିଷୟ ଯେ , ବ୍ୟାଙ୍କ ଏକାଉଣ୍ଟ ଯାଞ୍ଚ କରିବା ପରେ ଜଣାପଡିଛି ଯେ ଶ୍ରୀ ସାହୁ ନିଜର କାଳ୍ପନିକ ବିକ୍ରିର ଅର୍ଥରାଶିକୁ ବ୍ୟାଙ୍କ ଏକାଉଣ୍ଟରେ ଦେଖାଇଥିବା ବେଳେ ନିଜର କାଳ୍ପନିକ କ୍ରୟ ପରିମାଣକୁ ବ୍ୟାଙ୍କ ଏକାଉଣ୍ଟରେ ଅତ୍ୟନ୍ତ କମ ଦର୍ଶାଇଛନ୍ତି । ପୁନଶ୍ଚ ଟନ ଟନ ପରିମାଣର ମାଲ ଦୁଇ ଚକିଆ, ତିନି ଚକିଆ ଯାନ ଏବଂ କାର ମାଧ୍ୟମରେ ପରିବହନ ହୋଇଥିବା ଦର୍ଶାଯାଇଛି ।

ଉପରୋକ୍ତ ୧୪ ଗୋଟି ନକଲି ଫାର୍ମ ଦ୍ୱାରା କରା ଯାଇଥିବା ଠକାମି ସେତେବେଳେ ସାମ୍ନାକୁ ଆସିଥିଲା ଯେତେବେଳେ ରାଜ୍ୟ ଏନଫୋର୍ସମେଣ୍ଟ ୱିଙ୍ଗଦ୍ୱାରା ତଥ୍ୟ ବିଶ୍ଳେଷଣ ଓ ଗୁଇନ୍ଦା ସୂତ୍ରକୁ ଆଧାର କରି ନଭେମ୍ବର ଓ ଡିସେମ୍ବର ୨୦୨୦ ରେ ରାଜ୍ୟବ୍ୟାପୀ ଚଢଉ ଅଭିଯାନ ହୋଇଥିଲା । ଏହି ଫାର୍ମ ଗୁଡିକ ଅନଗୁଳ , ଯାଜପୁର , ରାଉଲକେଲା , ଜଗତସିଙ୍ଘପୁର, ଭୁବନେଶ୍ୱର ଓ ପାରାଦୀପ ଆଦି ସ୍ଥାନର ବେକାର ଯୁବକ , ଗୃହିଣୀ, କୃଷକ , ବରିଷ୍ଠ ନାଗରିକ ଏବଂ ଦିନ ମଜୁରିଆଙ୍କ ପରିଚୟ ପତ୍ର ହାସଲ କରି ସେମାନଙ୍କ ନାମରେ କରାଯାଇଥିବା ଜଣା ପଡିଥିଲା ।

ଓଡିଶା ଜିଏସଟି ଆଇନ ୨୦୧୭ ର ଧାରା 132(1)(c), 132(1)(b), 132(1)(l) ଓ ୧୩୨(୫) ଅନୁଯାୟୀ ଏହି ଅପରାଧ ଏକ ଜାମିନ ବିହୀନ ଧର୍ତ୍ତବ୍ୟ ଅପରାଧ ଏବଂ 132(1)(i) ଧାରା ଅନୁଯାୟୀ ଦଣ୍ଡନୀୟ ।

ଉଲ୍ଲେଖଯୋଗ୍ୟ ଯେ ରାଜ୍ୟ ଏନଫୋର୍ସମେଣ୍ଟ ୱିଙ୍ଗ ବର୍ତ୍ତମାନ ଶୁଦ୍ଧା ୧୮ ଜଣ ଠକ ବ୍ୟବସାୟୀଙ୍କୁ ଜାଲ ବିଲ କାରବାର ଏବଂ ଜାଲ ଇନ୍ପୁଟ ଟାକ୍ସ କ୍ରେଡିଟ ଉପଲବ୍ଧ ଏବଂ ହସ୍ତାନ୍ତର କରିଥିବା ଅଭିଯୋଗରେ ଗିରଫ କରିଛି । ଏତଦବ୍ୟତୀତ ରାଜ୍ୟ ଜିଏସଟି ବିଭାଗ ଦ୍ୱାରା ୨୦୧୯-୨୦ ଓ ୨୦୨୦-୨୧ ଆର୍ଥିକ ବର୍ଷରେ ୧୯୫୩୯ ଜଣ ବ୍ୟବସାୟୀଙ୍କ ପଞ୍ଜୀକରଣକୁ ରଦ୍ଦ କରାଯାଇଛି । ରିଟର୍ନ ଦାଖଲ କରି ନଥିବା ହେଉ ଅଥବା କ୍ଷେତ୍ରିୟ ଅନୁସନ୍ଧାନରେ ଏଗୁଡିକ ଭୁତ ବ୍ୟବସାୟୀକ ପ୍ରତିଷ୍ଠାନ ଜଣା ପଡିବା ପରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି ।

ରାଜ୍ୟ ଜିଏସଟି କମିସନରେଟ ତରଫରୁ ସର୍ବସାଧାରଣଙ୍କୁ ଅନୁରୋଧ କରାଯାଉଛି ଯେ କୌଣସି ବ୍ୟକ୍ତି ନିଜର ପରିଚୟ ପତ୍ର ସମ୍ପର୍କିତ କାଗଜ ପତ୍ର, ବ୍ୟାଙ୍କ ଆକାଉଣ୍ଟ ଇତ୍ୟାଦି କୌଣସି ଅଜଣା / ଅନଧିକୃତ ଲୋକଙ୍କୁ ପ୍ରଦାନ କରନ୍ତୁ ନାହିଁ । ଯଦି କେହି ଏପରି କରିଥାନ୍ତି ତେବେ ସେମାନେ ତୁରନ୍ତ ରାଜ୍ୟ ଜିଏସଟି କମିସନରେଟଙ୍କୁ ଜଣାନ୍ତୁ , ଯାହା ଫଳରେ ଏଗୁଡ଼ିକର ଅପବ୍ୟବହାର କୁ ରୋକିହବ । ଯଦି କେହି ବ୍ୟକ୍ତି ନିଜର ବ୍ୟକ୍ତିଗତ କାଗଜପତ୍ର ଅପବ୍ୟବହାର ହେଉଥିବା ଜାଣିଛନ୍ତି କିମ୍ବା ଖବର ପାଇଛନ୍ତି ତେବେ ସେମାନେ ତୁରନ୍ତ ନିକଟସ୍ଥ ଜିଏସଟି କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ । ବିଭାଗ ଏ ସମ୍ବନ୍ଧରେ ତୁରନ୍ତ ଅନୁସନ୍ଧାନ କରି ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ।

***